# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16th May – 2026

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଅର୍ଥନୈତିକ ବିକାଶରେ ଓଡ଼ିଶା ଖଣି ନିଗମର ଅତୁଳନୀୟ ଅବଦାନ ରହିଛି; କହିଲେ ମୁଖ୍ୟମନ୍ତ୍ରୀ ।

— ୨୦୩୬ ମସିହା ସୁଦ୍ଧା ୧୦୦ ନିୟୁତ ଟନ୍ ଖଣିଜ ଉତ୍ତୋଳନ କରିବା ଲକ୍ଷ୍ୟ ରଖିଛି ଓ.ଏମ୍.ସି. ।

- ଡାକ୍ତରୀ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲରେ ପୁନେର ଜଣେ ଅଧ୍ୟାପିକାଙ୍କୁ ଗିରଫ କଲା ସି.ବି.ଆଇ. ।

- ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ।

ଏବଂ

- ଏକାଠି ହୋଇ କାମ କରିବା, ଡେଙ୍ଗୁରୋଗକୁ ଦୂର କରିବା ବାର୍ତ୍ତା ନେଇ ଆଜି ପାଳିତ ହୋଇଛି ଡେଙ୍ଗୁ ଦିବସ ।

*Desk*

# ଓ.ଏମ୍.ସି. ପ୍ରତିଷ୍ଠା ଦିବସ

ଓଡ଼ିଶା ଖଣି ନିଗମ ତା'ର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରି ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏହି ସଂସ୍ଥା ରାଜ୍ୟର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ପ୍ରତିଷ୍ଠିତ କରିପାରିଛି । ଓଡ଼ିଶା ଖଣି ନିଗମର ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରହିଛି ।

***Voice (CM)*** :........

ମୁଖ୍ୟମନ୍ତ୍ରୀ କହିଛନ୍ତି, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଲକ୍ଷ୍ୟ ପୂରଣ ଦିଗରେ ଓଡ଼ିଶା ଖଣି ନିଗମ ପଦକ୍ଷେପ ନେଉଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଖଣି ନିଗମ ୧୦୦ ନିୟୁତ ଟନ୍ ଖଣିଜ ଉତ୍ତୋଳନ ନିମନ୍ତେ ଲକ୍ଷ୍ୟ ରଖିଛି।

ଓଡ଼ିଶା ଖଣି ନିଗମ ସର୍ବାଧିକ ୪୦ ନିୟୁତ ଟନ୍ ଲୁହାପଥର ଉତ୍ତୋଳନ କରି ରେକର୍ଡ ସୃଷ୍ଟି କରିବା ସହ ୨ ନିୟୁତ ଟନ୍ କ୍ରୋମାଇଟ୍ ଓ ୩ ନିୟୁତ ଟନ୍ ବକ୍ସାଇଟ୍ ଉତ୍ତୋଳନ କରି ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ମାଇଲଖୁଣ୍ଟ ସ୍ଥାପନ କରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରିଛନ୍ତି। କାଳିଆପାଣିସ୍ଥିତ ଓଡ଼ିଶା ମାଇନିଂ' ଆଦର୍ଶ ବିଦ୍ୟାଳୟର ନୂତନ ଗୃହର ଲୋକାର୍ପଣ କରିବା ସହିତ ଆମ୍ବୁଲାନ୍ସ ସେବା, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଅନଲାଇନ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ବିଭାଗକୁ ସମ୍ବର୍ଦ୍ଧିତ କରିଥିଲେ ।

***Desk***

# ସି.ବି.ଆଇ. - ନୀଟ ଆରେଷ୍ଟ

ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା-ସି.ବି.ଆଇ. ଆଜି ଜୀବବିଜ୍ଞାନ ପ୍ରଶ୍ନପତ୍ର ପ୍ରଘଟ ସହ ସମ୍ପୃକ୍ତ ପୁନେର ମନିଶା ଗୁର୍‌ନାଥ୍ ମାନ୍ଧେରଙ୍କୁ ଗିରଫ କରିଛି । ମାନ୍ଧେର ଜଣେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା । ସି.ବି.ଆଇ. ପକ୍ଷରୁ କୁହାଯାଇଛି, ନିଟ୍-ୟୁଜି ୨୦୨୬ ପରୀକ୍ଷା ପ୍ରକ୍ରିୟାରେ ଏନ୍.ଟି.ଏ. ପକ୍ଷରୁ ତାଙ୍କୁ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଥିଲା। ତଦନ୍ତକାରୀ ସଂସ୍ଥାର ସୂଚନା ଅନୁସାରେ ମାନ୍ଧେର' ନୀଟ୍ ପରୀକ୍ଷାର ଉଦ୍ଭିଦ ଓ ଜୀବବିଜ୍ଞାନ ପ୍ରଶ୍ନପତ୍ର ସମ୍ପର୍କରେ ପୂର୍ଣ୍ଣ ଅବଗତ ଥିଲେ ।

ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ୍, ନାଶିକ୍, ପୁନେ ଏବଂ ଅହଲ୍ୟାନଗରରୁ ସି.ବି.ଆଇ. ୯ ଜଣଙ୍କୁ ଗିରଫ୍ କରିଛି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କୋର୍ଟ୍ ଚାଲାଣ କରାଯାଇଛି ଏବଂ ପୁଲିସ ରିମାଣ୍ଡରେ ନେଇ

ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ପଚରାଉଚରା ଜାରି ରଖିଛି । ମାମଲାରେ ଅନ୍ୟ ଦୁଇ ଜଣ ଗତକାଲି ଗିରଫ ହୋଇଛନ୍ତି । ସି.ବି.ଆଇ. ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୬ଟି ସ୍ଥାନରେ ଚଢ଼ାଉ କରି ପରୀକ୍ଷା ସମ୍ପର୍କିତ ଦସ୍ତାବିଜ୍, ଲ୍ୟାପ୍‌ଟପ୍, ବ୍ୟାଙ୍କ୍ କାଗଜପତ୍ର ଓ ମୋବାଇଲ୍ ଫୋନ୍ ଜବତ କରିଛି ।

***BBSR/R***

# ଖର୍ଚ୍ଚକାଟ୍ ପରାମର୍ଶ

ସମ୍ପ୍ରତି ବିଶ୍ୱରେ ଦେଖାଦେଇଥିବା ତୈଳ ସଙ୍କଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗ ପକ୍ଷରୁ ଇନ୍ଧନ ଏବଂ ଶକ୍ତିର ସୁଚିନ୍ତିତ ପରିଚାଳନା ଉପରେ ପଦକ୍ଷେପ ନିଆଯିବା ସହିତ ବିଭାଗପାଇଁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ସରକାରଙ୍କର ଏହି ପଦକ୍ଷେପ ଫଳରେ ଅନାବଶ୍ୟକ ଇନ୍ଧନର ବ୍ୟୟ ହ୍ରାସ ପାଇବା ସହିତ ଶକ୍ତି ସଂରକ୍ଷଣ ହୋଇପାରିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ।

*Desk*

# ଇଣ୍ଟରନ୍ୟାଶନାଲ୍ ଡେ ଅଫ୍ ଲାଇଟ୍

ଆନ୍ତର୍ଜାତିକ ଆଲୋକ ଦିବସ ଆଜି ପାଳନ କରାଯାଉଛି । ୧୯୬୦ ମସିହାରେ ପଦାର୍ଥ ବିଜ୍ଞାନୀ ତଥା ଇଞ୍ଜିନିୟର ଥିଓଡୋ ମଇମନ୍ଙ୍କ ଦ୍ୱାରା ଆଜିର ଦିବସରେ ପ୍ରଥମଥର ପାଇଁ ଲେଜର୍‌ର ସଫଳ ପରୀକ୍ଷଣ କରାଯାଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ମଇମାସ ୧୬ ତାରିଖରେ ଆନ୍ତର୍ଜାତିକ ଆଲୋକ ଦିବସ ପାଳନ କରାଯାଇଥାଏ। ଚଳିତବର୍ଷର ବାର୍ତ୍ତା ରହିଛି "ସ୍ଥାୟୀ ଭବିଷ୍ୟତ ପାଇଁ ଆଲୋକ ।" ଆଲୋକର ଅଧ୍ୟୟନ ଜୀବନ ରକ୍ଷାକାରୀ ଚିକିତ୍ସା ଉପକରଣ, ଉଚ୍ଚ କ୍ଷମତାସଂପନ୍ନ ଯୋଗାଯୋଗ, ବିକଳ୍ପ ଶକ୍ତିଉତ୍ସ, ପ୍ରଯୁକ୍ତିବିଦ୍ୟା ଏବଂ ବିଭିନ୍ନ ଆବିଷ୍କାରରେ ଉନ୍ନତି ଆଣିପାରିଛି । ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ସହ ବ୍ରହ୍ମାଣ୍ଡର ତତ୍ତ୍ୱକୁ ବୁଝିବାରେ ସହଯୋଗ ପ୍ରଦାନ କରୁଛି । ବୈଜ୍ଞାନିକ ସହଯୋଗକୁ ମଜବୁତ କରିବା ଏବଂ ଶାନ୍ତି ଓ ନିରନ୍ତର ବିକାଶ ପାଇଁ ଆଲୋକଶକ୍ତିକୁ ବ୍ୟବହାର କରିବା ପାଇଁ ଜାତିସଂଘର ୟୁନେସ୍କୋ ସଂସ୍ଥା ପକ୍ଷରୁ ଆହ୍ୱାନ ଦିଆଯାଇଛି ।

*Desk, Ganjam/R*

# ଡେଙ୍ଗୁ ଦିବସ

ଡେଙ୍ଗୁ ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଉଛି । ପରିବେଶକୁ ପରିଷ୍କାର ରଖିବା ସହିତ ନିୟମିତ ମଶାରୀ ବ୍ୟବହାର କରିବା ଦ୍ୱାରା ଡେଙ୍ଗୁମଶାଦ୍ୱାରା ଭୂତାଣୁ ଜନିତ ରୋଗକୁ ପ୍ରତିହତ କରାଯାଇ ପାରିବ । ଚଳିତ ବର୍ଷ ଡେଙ୍ଗୁ ଦିବସର ବାର୍ତ୍ତା ରହିଛି 'ଏକାଠି ହୋଇ କାମ କରିବା, ଡେଙ୍ଗୁ ଦୂର କରିବା'। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡେଙ୍ଗୁରୋଗର ପରୀକ୍ଷା ଏବଂ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରାଯାଉଛି ।

ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ଦିବସ ପାଳନ କରାଯାଇ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ଗଞ୍ଜାମ ଜିଲ୍ଲା ଛତ୍ରପୁରର ପୋଟଲାମପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି । ଜାତୀୟ ସ୍ତରରେ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କାର ପାଇବା ନିମିତ୍ତ ପୋଟଲାମପୁରକୁ ମନୋନୀତ କରାଯାଇଛି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ପର୍ଯ୍ୟବେକ୍ଷକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଆଶାକର୍ମୀ ଓ ଗ୍ରାମରକ୍ଷୀମାନେ ଅଂଶଗ୍ରହଣ କରିଥିଲେ ।

**Dhenkanal/R**

# ପର୍ବତାରୋହୀ ସମ୍ମାନିତ

ଢେଙ୍କାନାଳ ଜିଲ୍ଲା ମେରାମୁଣ୍ଡଳି ଗ୍ରାମର ମହିଳା ପର୍ବତାରୋହୀ ସୁଶ୍ରୀ ବିଭାରାଣୀ ପାତ୍ରଙ୍କୁ ଜାତୀୟ ଯୁବ ସମ୍ମାନ ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ପ୍ରୋଜେକ୍ଟ ପଏଣ୍ଟ ଏବଂ ମାଇଁ ଭାରତଦ୍ୱାରା ଆୟୋଜିତ ଜାତୀୟ ଯୁବ ନେତୃତ୍ୱ ସମ୍ମିଳନୀ ଓ ସମ୍ମାନ-୨୦୨୬ରେ ସୁଶ୍ରୀ ପାତ୍ରଙ୍କୁ ଏହି ସମ୍ମାନ ଦିଆଯାଇଛି । କାର୍ଯ୍ୟକ୍ରମରେ ୪୦ ଜଣ ଯୁବପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି । ଆକାଶବାଣୀକୁ ସାକ୍ଷାତ୍‌କାରରେ ସୁଶ୍ରୀ ବିଭାରାଣୀ ପାତ୍ର କହିଛନ୍ତି :

***Voice*** **:.........**

**Khurda/R**

# ପରିବେଶ - ସଚେତନତା କାର୍ଯ୍ୟକ୍ରମ

ଭାରତୀୟ ରେଳବାଇ ପକ୍ଷରୁ "ଜଳବାୟୁ ପରିବର୍ତ୍ତନ" ଶୀର୍ଷକ ବିଶ୍ୱ ପରିବେଶ ଦିବସ ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅଭିଯାନ ଆସନ୍ତା ଜୁନ୍ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଯାତ୍ରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା ନିମନ୍ତେ ଖୋର୍ଦ୍ଧା ରୋଡ୍

ରେଳ ମଣ୍ଡଳ ପକ୍ଷରୁ ବିଭିନ୍ନ ସଚେତନତା ଏବଂ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି । ଅଭିଯାନର ଅବଧି ମଧ୍ୟରେ ସମଗ୍ର ରେଳମଣ୍ଡଳରେ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିଚାଳନା, ପୃଥକୀକରଣ ବିଷୟରେ କର୍ମଚାରୀମାନଙ୍କୁ ସଚେତନ କରିବା ସହିତ ଷ୍ଟେସନ୍ ପରିସରରେ ସ୍ୱଚ୍ଛତା ଅଭିଯାନ ଉପରେ ମଧ୍ୟ ବିଶେଷ ଗୁରୁତ୍ୱାରୋପ କରାଯିବ ବୋଲି ଖୋର୍ଦ୍ଧା ରେଳମଣ୍ଡଳ ପକ୍ଷରୁ କୁହାଯାଇଛି ।

***HS, Deogarh/R***

## ଶ୍ରଦ୍ଧାଞ୍ଜଳି

ଦେବଗଡ଼ ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟର ପୁଷ୍ଟିସାଧନରେ ରାଜା ସୁଢ଼ଳ ଦେବଙ୍କ ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ରାଜା ସୁଢ଼ଳ ଦେବଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ  ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି,

ବାମଣ୍ଡା ରାଜା ସ୍ୱର୍ଗତ ସୁଢ଼ଳ ଦେବ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଥିଲେ ।

***Desk***

# ଦିବ୍ୟାଙ୍ଗ ପୁରସ୍କାର

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଦିବ୍ୟାଙ୍ଗଜନଙ୍କ ସଶକ୍ତୀକରଣ ପାଇଁ ଜାତୀୟ ପୁରସ୍କାର ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଅନ୍‌ଲାଇନ୍ ଜରିଆରେ ଆବେଦନ ପତ୍ରଗୁଡ଼ିକ ଦାଖଲ କରାଯାଇପାରିବ । www.awards.gov.in ମାଧ୍ୟମରେ ଆସନ୍ତା ଜୁଲାଇ ମାସ ଶେଷ ସୁଦ୍ଧା ଚଳତ ବର୍ଷର ଜାତୀୟ ପୁରସ୍କାରପାଇଁ ସମସ୍ତ ଆବେଦନକୁ ବିଚାରକୁ ନିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Ganjam/R***

# ଠାକୁରାଣୀ ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁରର ଆରାଧ୍ୟଦେବୀ ମା’ ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା ୧୩ ଦିନରେ ପହଁଞ୍ଛିଛି। ସନ୍ଧ୍ୟା ଆଳତୀ ସମୟରେ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁମାନେ ମା’ଙ୍କ ଦର୍ଶନ କରୁଛନ୍ତି। ଯାତ୍ରାର ଶେଷ

ସପ୍ତାହରେ ଛତ୍ରପୁର ମହୋତ୍ସବ ଆୟୋଜନ କରାଯିବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି ।

******